## ବଜ୍ରପାତରେ ଯୁବତୀ ଗୁରୁତର

**ଛେଣ୍ଡିପଦା,(ସ୍ୱ.ପ୍ର.):** ଛେଣ୍ଡିପଦା ଥାନା ଘୁଣ୍ଟୁଳିପସି ଗ୍ରାମରେ ଗୁରୁବାର ବଜ୍ରପାତ ଘଟି ବସନ୍ତ ନାଏକଙ୍କ ଝିଅ ରୋଜାଲିନ ନାଏକ ଗୁରୁତର ହୋଇଛନ୍ତି। ଅପରାହ୍ଣରେ ବର୍ଷା ହେଉଥିଲା। ବସନ୍ତ ନାଏକଙ୍କ ପରିବାର ଲୋକେ ବସିଥିବା ବେଳେ ହଠାତ୍ ତାଙ୍କ ଘର ସମ୍ମୁଖରେ ବଜ୍ରପାତ ହୋଇଥିଲା। ଫଳରେ ରୋଜାଲିନ ଗୁରୁତର ହୋଇଥିଲେ। ତାଙ୍କୁ ଛେଣ୍ଡିପଦା ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।

**ସଂକ୍ଷେପରେ**

## ଗୋରୁ ବୋଝେଇ ଗାଡ଼ି ଜବତ, ୩ ଗିରଫ



**ଢେଙ୍କାନାଳ ଅଫିସ, ୩୦।୯:** ଢେଙ୍କାନାଳ ସଦର ଥାନା ଗୋବିନ୍ଦପୁର ଫାଣ୍ଡି ଅଞ୍ଚଳରୁ ଗୁରୁବାର ଅପରାହ୍ଣରେ ଏକ ଗୋରୁ ବୋଝେଇ ପିକ୍ ଅପ୍ ଭ୍ୟାନ୍‌କୁ ଗ୍ରାମବାସୀ ଧରି ପୋଲିସ ଜିମା ଦେଇଛନ୍ତି। ଏହି ଘଟଣାରେ ୩ ଜଣଙ୍କୁ ଗିରଫ କରାଯାଇଛି। ଅଭିଯୁକ୍ତମାନେ ହେଲେ ତାଳବରକୋଟ ଗ୍ରାମର କୋନାଲ ଖାଁ ଓରଫ ରିଙ୍କୁ (୨୨), ଜୁବ୍‌ରାମ ଖାଁ ଓରଫ୍ ଜାନୁ (୧୯) ଏବଂ ଗାଡିଚାଳକ ପ୍ରଭାତ ରାଉତ ଓରଫ ପଦୁ। ଏ ନେଇ ଥାନାରେ ନଂ. ୫୧୯/୨୧ରେ ଏକ ମାମଲା ରୁଜୁ କରାଯାଇଛି। କାଇମାଟିରୁ ଗୋବିନ୍ଦପୁର ଦେଇ ତାଳବରକୋଟ ଅଭିମୁଖେ ଉକ୍ତ ଗୋରୁ ଚାଲାଣ କରାଯାଉଥିବା ପୋଲିସ କହିଛି।

## ବିବେକାନନ୍ଦଙ୍କ ଜୀବନ ଥିଲା ସରଳ

**ଢେଙ୍କାନାଳ ଅଫିସ, ୩୦।୯:** ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ଢେଙ୍କାନାଳ ଜିଲା ଶାଖା ପକ୍ଷରୁ ଏକାଦଶ ଇ-ପାଠଚକ୍ର ଜିଲା ସଭାପତି ପ୍ରଫୁଲ୍ଲ କୁମାର ପାଣିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟବକ୍ତା ଭାବେ ଯୋଗଦେଇ ଆଇଆଇଏମ୍‌ସିର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମୃଣାଳ ଚାଟାର୍ଜୀ କହିଲେ, ସ୍ୱାମୀ ବିବେକାନନ୍ଦଙ୍କ ଜୀବନ ଅତି ସରଳ ଥିଲା। ସ୍ୱାମିଜୀଙ୍କ ବିଚାରଧାରାରେ ରାଷ୍ଟ୍ରୀୟ ସଂହତି ସ୍ଥାପନ ହୋଇପାରିଛି। ଜାପାନ, ଚାଇନା, ଭାରତ ଭଳି ଏସିଆ ମହାଦେଶର ଅନେକ ଦେଶ ଆଧାତ୍ମିକ ଓ ସାଂସ୍କୃତିକ ଡୋରିରେ ବାନ୍ଧି ହୋଇପାରିଛନ୍ତି। ଅଧ୍ୟାପକ ଦେବରାଜ ବେହେରା କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ। ପ୍ରାରମ୍ଭରେ ଶିକ୍ଷୟିତ୍ରୀ ସ୍ୱାତୀ ମିଶ୍ର ବନ୍ଦନା ଗାନ କରିଥିଲେ। ଆଜୀବନ ସଦସ୍ୟା ଝୁନୁବାଳା ମିଶ୍ର ବିବେକ ବାଣୀ, ଦେବାଶିଷ ସାହୁ ଶାନ୍ତିପାଠ କରିଥିଲେ। ସହ ସମ୍ପାଦକ ସଦାନନ୍ଦ ରାଉତ, ଡ. ପୁଷ୍ପଲତା ରଥ, କୃପାସିନ୍ଧୁ ମିଶ୍ର, ବିପିନ ବିହାରୀ ଶତପଥୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଟ୍ରକ୍‌କୁ ପଛରୁ ଧକ୍କାଦେଲା ଟ୍ରକ୍ ନିଜ ଗାଡ଼ି ତଳେ ଗଲା ଡ୍ରାଇଭରଙ୍କ ଜୀବନ



**ପରଜଙ୍ଗ, ୩୦।୯(ଡି.ଏନ୍.ଏ.):** ଯେଉଁ ଟ୍ରକ୍ ଚଳାଇ ପରିବାର ପୋଷୁଥିଲେ, ସେହି ଟ୍ରକ୍ ଚକା ତଳେ ଚାଲିଗଲା ଜୀବନ। ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ୧୪୯ନଂ. ଜାତୀୟ ରାଜପଥର କୁଲେଇ ନିକଟ ଭୃତିଆ ପେଟ୍ରୋଲ ପମ୍ପ ନିକଟରେ ଗୁରୁବାର ଭୋର୍ ସମୟରେ ଘଟିଛି ଏଭଳି ଏକ ଦୁଃଖଦ ଦୁର୍ଘଟଣା। ମୃତକ ହେଲେ ଦେବଗଡ଼ ଜିଲା ଡିମିରିକୁଦା ଗ୍ରାମର ସଞ୍ଜୟ କୁମାର ମିଞ୍ଜ୍। ରାସ୍ତାପାର୍ଶ୍ୱରେ ଆଇରନ୍ ବୋଝେଇ ଟ୍ରକ୍ ଛିଡ଼ା କରି ଯାନ୍ତ୍ରିକ ତ୍ରୁଟି ସଜାଡୁଥିବାବେଳେ ପଛପଟୁ କ୍ଷିପ୍ରଗତିରେ ଆସି ଅନ୍ୟ ଏକ ଟ୍ରକ୍ ଧକ୍କା ଦେଇଥିଲା। ଫଳରେ ଆଇରନ୍ ବୋଝେଇ ଟ୍ରକ୍‌ଟି ସଞ୍ଜୟଙ୍କ ଉପରେ ଚଢ଼ିଯାଇଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ପୋଲିସ ସୂଚନା ଅନୁଯାୟୀ, ସଞ୍ଜୟ ଯୋଡ଼ାରୁ ଆଇରନ୍ ବୋଝେଇ ଟ୍ରକ୍ ଧରି ତାଳଚେର ଭୂଷଣ ପ୍ଲାଣ୍ଟକୁ ଯାଉଥିଲେ। ୧୪୯ନଂ. ଜାତୀୟ ରାଜପଥର ଭୃତିଆ ପେଟ୍ରୋଲ ପମ୍ପ ନିକଟରେ ଗାଡ଼ି ରଖି କୌଣସି ଯାନ୍ତ୍ରିକ ତ୍ରୁଟି ସଜାଡୁଥିବାବେଳେ ଦ୍ରୁତ ଗତିରେ ଅନ୍ୟ ଏକ ଟ୍ରକ୍ ଆସି ପଛପଟୁ ଗାଡ଼ିକୁ ଧକ୍କା ଦେଇଥିଲା। ଆଇରନ୍ ବୋଝେଇ ଟ୍ରକ୍ ସଞ୍ଜୟଙ୍କ ଉପରେ ଚଢ଼ିଯିବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ଦୁର୍ଘଟଣା ଘଟାଇଥିବା ଟ୍ରକ୍ ଡ୍ରାଇଭର ଗାଡ଼ି ଛାଡ଼ି ଫେରାର ହୋଇଯାଇଛନ୍ତି। ଉକ୍ତ ଗାଡ଼ିର ହେଲ୍‌ପର ଆହତ ହୋଇ ମେଡିକାଲରେ ଭର୍ତ୍ତି ହୋଇଛନ୍ତି। ପୋଲିସ ପହଞ୍ଚି ଉଭୟ ଗାଡ଼ି ଜବତ କରି ତଦନ୍ତ ଆରମ୍ଭ କରିଛି।

# ବ୍ରାହ୍ମଣୀରେ ବୁଡ଼ିବ 'କଙ୍କା'



- ଜରାଜୀର୍ଣ୍ଣ କଲଭର୍ଟରେ ବିପଦସଙ୍କୁଳ ଯାତ୍ରା
- ବର୍ଷା ୪ ମାସ ଭୋଗୁଛନ୍ତି ଜଳବନ୍ଦୀ ଜୀବନ
- ଭିଟାମାଟି ଛାଡ଼ିଲେଣି ଗୋପାଳପୁର, ଗୋରଡ଼ାପାଳବାସୀ

**ଗଁଦିଆ, ୩୦।୯**

ଜନବସତିକୁ ଗିଳିବାକୁ ଜିଭ ବଢ଼ାଇଛି ବ୍ରାହ୍ମଣୀ। ବର୍ଷକୁ ବର୍ଷ କୂଳ ଖାଇ ମାଡ଼ି ଆସୁଛି ଆଗକୁ। ଅନ୍ୟପଟେ ନଦୀରୁ ବାହାରିଥିବା ଶାଖା ନାଳ ତିନି ପଟୁ ଘେରାବନ୍ଦୀ କରି ରଖିଛି ସମ୍ପୂର୍ଣ୍ଣ ଗ୍ରାମକୁ। ଫଳରେ ଶିଳ୍ପସମୃଦ୍ଧ ଢେଙ୍କାନାଳ ଜିଲା ଗଁଦିଆ ବ୍ଲକ ବାଇଁଶିଆ ପଞ୍ଚାୟତର ରାଜସ୍ୱ ଗ୍ରାମ 'କଙ୍କା'ର ୧୫୦ରୁ ଊର୍ଦ୍ଧ୍ୱ ପରିବାରର ୬୦୦ ଲୋକ ବର୍ଷର ୪ମାସ ଭୋଗୁଛନ୍ତି ବିଚ୍ଛିନ୍ନାଞ୍ଚଳ ଜୀବନ। ଭବିଷ୍ୟତକୁ ନେଇ ସନ୍ଦିହାନ ହୋଇପଡ଼ିଥିବା କଙ୍କା ନିକଟବର୍ତ୍ତୀ ଗୋପାଳପୁର ଗ୍ରାମବାସୀ ୬୦ ବର୍ଷ ତଳୁ ସୁରକ୍ଷିତ ସ୍ଥାନକୁ ଉଠିଆସିଛନ୍ତି। ଗୋରଡ଼ାପାଳବାସୀ ଭିଟାମାଟି ଛାଡ଼ିବା ଆରମ୍ଭ କଲେଣି। ଏବେ କଙ୍କାବାସୀଙ୍କୁ ଘାରିଛି ସମାନ ଭୟ। ନାଳ ଉପରେ ସବୁଦିନିଆ ବ୍ରିଜ୍ ଏବଂ ନଦୀ ତଟବର୍ତ୍ତୀ ଅଞ୍ଚଳରେ ପଥର ବନ୍ଧ ନିର୍ମାଣ ନ ହେଲେ ମାତ୍ର କେଇ ବର୍ଷ ଭିତରେ 'କଙ୍କା' ବ୍ରାହ୍ମଣୀ ନଦୀ ଗର୍ଭକୁ ଚାଲିଯିବ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି ଅଞ୍ଚଳବାସୀ।

ଢେଙ୍କାନାଳ ମାଟିକୁ ସୁନାବ୍ୟା କରିଛି ବ୍ରାହ୍ମଣୀ। ଓଡ଼ିଶାର ଦ୍ୱିତୀୟ ବୃହତ୍ତମ ଏହି ନଦୀ ଉପକୂଳରେ ଗଢ଼ି ଉଠିଥିବା ଅନେକ ଗାଁ, ସହର, ଶିଳ୍ପାନୁଷ୍ଠାନ ଏହାର ପାଣିରେ ହୋଇଛି ପରିପୁଷ୍ଟ। ହେଲେ କଙ୍କା ପାଇଁ ଦୁଃଖ ପାଲଟିଛି ବ୍ରାହ୍ମଣୀ ଏବଂ ଏହାର ଶାଖା 'କଙ୍କା ନାଳ'। ଭୌଗୋଳିକ ଦୃଷ୍ଟିକୋଣରୁ କଙ୍କା ଏକ ଦୁର୍ଗମ ଅଞ୍ଚଳ। ଗଁଦିଆ ବ୍ଲକ ସଦରରୁ ୩୦ କି.ମି. ଦୂର ବାଇଁଶିଆ ଏବଂ ସେଠାରୁ ୩ କି.ମି. ଗଲେ ପଡ଼େ ଏହି ସ୍ଥାନ। ନଦୀବନ୍ଦୀ ଅଞ୍ଚଳରେ କଙ୍କା ଏବଂ ଗୋରଡ଼ପାଳ ଜନବସତି ଗଢ଼ି ଉଠିଥିବାବେଳେ ପ୍ରତିବର୍ଷ ଆସୁଥିବା ବନ୍ୟା ସମ୍ପୃକ୍ତ ଅଞ୍ଚଳବାସୀଙ୍କ ଜୀବନ ଦୁର୍ବିଷହ କରିଦେଇଛି। ବାଇଁଶିଆ ପଞ୍ଚାୟତ ସଦର ସହିତ ଗମନାଗମନ ପାଇଁ 'କଙ୍କା ନାଳ' ଉପରେ ନିର୍ମାଣ କରାଯାଇଥିବା କଲଭର୍ଟ ଜରାଜୀର୍ଣ୍ଣ ହୋଇପଡ଼ିଛି। ବଢ଼ି ପାଣିରେ ପୋଲ ବୁଡ଼ିଯାଉଛି। ବାରମ୍ବାର ଦାବି ସତ୍ତ୍ୱେ ସବୁଦିନିଆ ବ୍ରିଜ୍ ନିର୍ମାଣ କରାଯାଉନାହିଁ। ତେଣୁ ଗ୍ରାମବାସୀ କଲଭର୍ଟ ଉପରେ ଏକ ଅସ୍ଥାୟୀ ରାସ୍ତା ନିର୍ମାଣ କରି ଜୀବନକୁ ବାଜିଲଗାଇ ଯାତାୟାତ କରୁଛନ୍ତି। କେବଳ ଏତିକି ନୁହେଁ, ଆବଶ୍ୟକ ଛାତ୍ରୀଛାତ୍ର ହେଉ ନ ଥିବାରୁ ଗ୍ରାମର ପ୍ରାଥମିକ ଶିକ୍ଷାର ଅନ୍ତୁଡ଼ିଶାଳ କୁହାଯାଉଥିବା ସ୍କୁଲ ବନ୍ଦ ହୋଇଯାଇଛି। ଫଳରେ ଛାତ୍ରୀଛାତ୍ରମାନେ ୨ କି.ମି.ରୁ ଊର୍ଦ୍ଧ୍ୱ ରାସ୍ତା ଅତିକ୍ରମ କରି ବାଇଁଶିଆ ପଞ୍ଚାୟତ ସଦରକୁ ଆସୁଛନ୍ତି। କଲେଜର ପାଠପଢୁଆ ଛାତ୍ରୀଛାତ୍ର ନାହିଁ ନ ଥିବା ସମସ୍ୟା ଭୋଗୁଛନ୍ତି।

ଗ୍ରାମବାସୀଙ୍କ ଅଭିଯୋଗ ଅନୁଯାୟୀ, ବର୍ଷର ଅନ୍ୟଦିନରେ ଯେନତେନ ପ୍ରକାରେ ଚଳିଯାଉଛି। ହେଲେ ବର୍ଷାଦିନ ଆସିଲେ ଦୁଃଖ ବଢିଯାଉଛି। ଗମନାଗମନର ମୁଖ୍ୟ ରାସ୍ତା ବର୍ଷାପାଣିରେ ବୁଡ଼ିଯାଉଛି। ଯାନବାହନ ଆସୁନାହିଁ। ଗ୍ରାମବାସୀଙ୍କ ଉଦ୍ୟମରେ ନିର୍ମିତ ଅସ୍ଥାୟୀ ରାସ୍ତା ଲଘୁଚାପ ବର୍ଷାରେ ଧୋଇଯାଇଛି। ଫଳରେ ଗ୍ରାମକୁ ଆସୁଥିବା ଏକମାତ୍ର ବସ୍ ବିପଦସଙ୍କୁଳ ଅବସ୍ଥାରେ ଯାତ୍ରୀ ପରିବହନ କରୁଛି। କଙ୍କାରୁ ବଲ୍ଲଭ ଦେଇ ଯାତାୟାତ କରିବା ଲାଗି ଏକ କଲଭର୍ଟ ବ୍ରିଜ୍ ରହିଥିଲେ ମଧ ତାହା ଗ୍ରାମଠାରୁ ଦୂରବର୍ତ୍ତୀ ଏବଂ ଜଙ୍ଗଲିଆ ଅଞ୍ଚଳରେ ରହିଥିବାରୁ ବିଶେଷ କାମରେ ଆସୁନାହିଁ। ସେହିପରି ବଢ଼ି ପାଣିରେ ଫସଲ ଉଜୁଡ଼ିଯାଉଛି। କଙ୍କା ଗ୍ରାମ ପଞ୍ଚାୟତର ଗୋଟିଏ ୱାର୍ଡ ହୋଇଥିବାବେଳେ ଏଠାରେ ଅଛନ୍ତି ପ୍ରାୟ ୪୦୦ ଭୋଟର। ନିର୍ବାଚନ ଆସିଲେ ନେତାମନ୍ତ୍ରୀ ଆସି ପୁଳା ପୁଳା ପ୍ରତିଶ୍ରୁତି ଦେଉଛନ୍ତି। ହେଲେ ଗ୍ରାମର ବିକାଶ ପ୍ରତି କାହାରି ସାମାନ୍ୟତମ ଦରଦ ନାହିଁ। ପଞ୍ଚାୟତ, ବ୍ଲକ ଏପରି କି ଜିଲା ପ୍ରଶାସନ ନିକଟରେ ଗୁହାରି କରି ଥକି ପଡ଼ିଥିଲେ ମଧ କେହି ଧ୍ୟାନ ଦେଉନାହାନ୍ତି। ଚଳିତ ପଞ୍ଚାୟତ ନିର୍ବାଚନରେ ଏହାର ଜବାବ ଦିଆଯିବ। ଆବଶ୍ୟକ ପଡ଼ିଲେ ଭୋଟ ବର୍ଜନ କରି ପ୍ରଶାସନର ବିଫଳତା ପଦାକୁ ଅଣାଯିବ ବୋଲି କ୍ଷୋଭବ୍ୟକ୍ତ କରି କହିଛନ୍ତି ଅଞ୍ଚଳବାସୀ।

ଏ ସଂକ୍ରାନ୍ତରେ ବିଡିଓ ନେତ୍ରାନନ୍ଦ ମଲ୍ଲିକ କୁହନ୍ତି, ଗ୍ରାମବାସୀ ଜିଲାପାଳଙ୍କୁ ଦେଇଥିବା ଅଭିଯୋଗପତ୍ର ହସ୍ତଗତ ହୋଇଛି। ଏହାର ସମାଧାନ ଲାଗି ପ୍ରଶାସନିକସ୍ତରରେ ଉଦ୍ୟମ କରାଯାଉଥିବା ସେ ସୂଚନା ଦେଇଛନ୍ତି।

### କେହି ଗୁରୁତ୍ୱ ଦେଉନାହାନ୍ତି



"ଅଞ୍ଚଳବାସୀଙ୍କ ଦୁଃଖ ଶୁଣିବାକୁ କାହା ପାଖରେ ସମୟ ନାହିଁ। ଜନପ୍ରତିନିଧି କିମ୍ବା ପ୍ରଶାସନିକ ଅଧିକାରୀ କେହି ଶୁଣୁନାହାନ୍ତି। ସ୍ୱାଧୀନତାର ୭୫ ବର୍ଷ ପରେ ଏକ ରାଜସ୍ୱ ଗ୍ରାମର ଏଭଳି ଦୁର୍ଦ୍ଦଶା ପ୍ରଶାସନିକ ଅବହେଳା ଛଡ଼ା ଅନ୍ୟ କିଛି ନୁହେଁ।

**-ଶରତ କୁମାର ସ୍ୱାଇଁ, ଗ୍ରାମବାସୀ**

### ଦୟନୀୟ ଅବସ୍ଥାରେ ଜିଇଁଛୁ



"ଗ୍ରାମବାସୀଙ୍କ ଯାତାୟାତ ଲାଗି ପୋଲ ନିର୍ମାଣ ହେବ ବୋଲି ବର୍ଷ ବର୍ଷ ଧରି ରାଜନେତା, ପ୍ରଶାସନିକ ଅଧିକାରୀ ଆଶ୍ୱାସନା ଦେଉଛନ୍ତି। ଏଭଳି ପ୍ରତିଶ୍ରୁତିକୁ ନେଇ ଦୟନୀୟ ଅବସ୍ଥାରେ ଜିଇଁଛୁ। ହେଲେ ନା ପୋଲ ନିର୍ମାଣ ହେଉଛି ନା ଦୁଃଖ ଘୁଞ୍ଚୁଛି।

**-ମହେଶ୍ୱର ଇନ୍ଦ୍ରଜିତ ସିଂ, ଗ୍ରାମବାସୀ**

### ମାଳବନ୍ଧ ନିର୍ମାଣ ହେଲେ ସମସ୍ୟା ସୁଧୁରିବ



"ବ୍ରାହ୍ମଣୀ ଏବଂ କଙ୍କାନାଳରେ ପ୍ରବାହିତ ବନ୍ୟାପାଣି ମାଡ଼ି ପ୍ରତିବର୍ଷ ବ୍ୟାପକ ଚାଷ ନଷ୍ଟ ହେଉଛି। ଏହାର ସ୍ଥାୟୀ ପ୍ରତିକାର ଲାଗି କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ କାଲୁରିଆଠାରୁ ମନ୍ଦାର ଯାଏ ଏକ ମାଳବନ୍ଧ ନିର୍ମାଣ ହେଲେ ସମସ୍ୟା ସୁଧୁରିବ।

**-ସୁଦର୍ଶନ ସ୍ୱାଇଁ, ସାମାଜିକ କର୍ମୀ**

### ପୋଲ ନିର୍ମାଣ ହେଲେ ସମସ୍ୟା ସୁଧୁରିବ



"କଙ୍କାନାଳ ଉପରେ ସ୍ଥାୟୀ ପୋଲ ନିର୍ମାଣ କରାଗଲେ ଗ୍ରାମବାସୀ ବିକାଶ ଦେଖିପାରିବେ। ଗ୍ରାମ୍ୟ ଉନ୍ନୟନ ବିଭାଗ ଉକ୍ତ ରାସ୍ତାକୁ ନିଜ ଅଧୀନକୁ ନେଲେ ସମସ୍ୟାର ସମାଧାନ ହୋଇପାରିବ। ଏଥିପ୍ରତି ଜିଲା ପ୍ରଶାସନ ଗୁରୁତ୍ୱ ଦେବା ଜରୁରୀ।

**-ସୁବୋଧ କୁମାର ପଣ୍ଡା, ସରପଞ୍ଚ, ବାଇଁଶିଆ**

## ସଂକ୍ରମଣ ସାମାନ୍ୟ ବଢ଼ିଲା

**ଢେଙ୍କାନାଳ ଅଫିସ, ୩୦।୯**

ପାଖାପାଖି ଦୁଇ ସପ୍ତାହ ପରେ ଢେଙ୍କାନାଳ ଜିଲାରେ ସଂକ୍ରମଣ ସାମାନ୍ୟ ବଢ଼ିଛି। ଗୁରୁବାର ଜିଲାରୁ ୧୪ ସଂକ୍ରମିତ ଚିହ୍ନଟ ହୋଇଥିବାବେଳେ ୩ ଜଣ ସୁସ୍ଥ ହୋଇଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଢେଙ୍କାନାଳ ପୌରାଞ୍ଚଳର ୩, ଗଁଦିଆ ବ୍ଲକର ୫, ପରଜଙ୍ଗ ବ୍ଲକର ୧, ଓଡ଼ାପଡ଼ା ବ୍ଲକର ୧, ସଦର ବ୍ଲକର ୧, କଙ୍କଡ଼ାହାଡ଼ ବ୍ଲକର ୧, କାମାକ୍ଷାନଗର ବ୍ଲକର ୧ ଏବଂ ଭୁବନ ଏନ୍‌ଏସିର ଜଣେ ରହିଛନ୍ତି। ଦିନକରେ ୧ ହଜାର ୫୭୦ ଟେଷ୍ଟିଂ କରାଯାଇଥିଲା। ଏହାପରେ ଜିଲାରେ ସକ୍ରିୟ ଆକ୍ରାନ୍ତ ସଂଖ୍ୟା ୫୦ରେ ପହଞ୍ଚିଛି।

## ଖମାରସାହି ଲକ୍ଷ୍ମୀପୂଜା କମିଟି ନୂତନ କର୍ମକର୍ତ୍ତା

**ଢେଙ୍କାନାଳ ଅଫିସ, ୩୦।୯**

ଢେଙ୍କାନାଳ ଖମାରସାହି ଲକ୍ଷ୍ମୀପୂଜା କମିଟିର ନୂତନ କର୍ମକର୍ତ୍ତା ଚୟନ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ସୁକାନ୍ତ ମିଶ୍ର, ଉପସଭାପତି ଆଡ୍‌ଭୋକେଟ୍ ବସନ୍ତ ରଥ, ସମ୍ପାଦକ ସୁକାନ୍ତ ସାହୁ, କୋଷାଧ୍ୟକ୍ଷ ପ୍ରଶାନ୍ତ ବେହେରା, ଯୁଗ୍ମ ସମ୍ପାଦକ ସୁଶାନ୍ତ ସ୍ୱାଇଁ, ଯୁଗ୍ମ କୋଷାଧ୍ୟକ୍ଷ ବଳରାମ ବାରିକ ପ୍ରମୁଖଙ୍କୁ ସର୍ବସମ୍ମତିକ୍ରମେ ଚୟନ କରାଯାଇଛି। ଏହାସହିତ ପୂର୍ବତନ ସଭାପତି ପ୍ରଶାନ୍ତ ନାୟକ, ଚକ୍ରଧର ରାଉତ, ସ୍ଥାନୀୟ ଶିବ ମନ୍ଦିର ସଭାପତି ଦୀପକ ମିଶ୍ର, ସାହିବସ୍ତି ସଭାପତି ପ୍ରେମାନନ୍ଦ ପ୍ରଧାନ, ପ୍ରାଧ୍ୟାପକ ବିଶ୍ୱନାଥ ମହାପାତ୍ର, ଯୁବକ ସଂଘ ସଭାପତି ପ୍ରଭାତ ସାହୁ, ଧ୍ରୁବଚରଣ ସ୍ୱାଇଁ, ଗଣେଶ ପ୍ରଧାନ, ଗନ୍ଧର୍ବ ନାୟକ, ଭଗବାନ ବେହେରାଙ୍କୁ ନେଇ ଏକ ଉପଦେଷ୍ଟା କମିଟି ଗଠିତ ହୋଇଛି। କୋଭିଡ୍ ନିୟମ ଅନୁଯାୟୀ ପୂଜା ପାଳନ ସହ ଅସମ୍ପୂର୍ଣ୍ଣ ମଣ୍ଡପ କାର୍ଯ୍ୟ ଶେଷ କରିବା ଦିଗରେ ପଦକ୍ଷେପ ନେବାକୁ ନିଷ୍ପତ୍ତି ହୋଇଛି।

# ଦୁଇଦିନିଆ ନିଯୁକ୍ତିମେଳା

**ଅନୁଗୋଳ ଅଫିସ,୩୦।୯**

ଅନୁଗୋଳ ଜିଲା ଜନଶିକ୍ଷଣ ସଂସ୍ଥାନରେ ପ୍ରଥମ ଥର ପାଇଁ ଆୟୋଜିତ ଦୁଇଦିନିଆ ନିଯୁକ୍ତିମେଳା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି। ଜିଲା ନିଯୁକ୍ତି କାର୍ଯ୍ୟାଳୟ, ଏସ୍.ପି. ଆପାରେଲ୍ସ ଲିମିଟେଡ୍ ଏବଂ ଓଡ଼ିଶା ସ୍କିଲ୍ ମିଳିତ ସହଯୋଗରେ ଏହି ମେଳାର ଆୟୋଜନ କରାଯାଇଥିଲା। ଜିଲା ନିଯୁକ୍ତି ଅଧିକାରୀ ମାନସ ରଞ୍ଜନ ମହାନ୍ତି, ତାମିଲନାଡୁ ତିରୁପୁର ଜିଲାରେ ଥିବା କମ୍ପାନୀ ମୁଖ୍ୟାଳୟର ଡିଜିଏମ୍ ତଥା ମାନବ ସମ୍ବଳ ମୁଖ୍ୟ ସୂର୍ଯ୍ୟ ନାରାୟଣ ଟି.ଭି., କ୍ରୋକୋଡାଇଲ ବ୍ରାଣ୍ଡ ଏରିଆ ସେଲ୍ସ ମ୍ୟାନେଜର ଶୋଭନ ମିଶ୍ର ଏବଂ ଜନଶିକ୍ଷଣ ସଂସ୍ଥାନର ନିର୍ଦ୍ଦେଶିକା ଡ. ପ୍ରଜ୍ଞା ଏଲିନା ଭାଲେଣ୍ଟିନା ମିଶ୍ରଙ୍କ ତତ୍ତ୍ୱାବଧାନରେ ଏହି ନିଯୁକ୍ତି ମେଳା ଅନୁଷ୍ଠିତ ହୋଇଥିଲା।





ନିଯୁକ୍ତି ମେଳାରେ ଉପସ୍ଥିତ ଜନଶିକ୍ଷଣ ସଂସ୍ଥାନ ଓ କମ୍ପାନୀ ଅଧିକାରୀମାନେ।

ଏଥିରେ ଜିଲାର ବହୁ ନିଯୁକ୍ତି ଆଶାୟୀଙ୍କ ସହ ସିଲାଇ ତାଲିମ ନେଇଥିବା ୧୨୦ ପ୍ରଶିକ୍ଷାର୍ଥୀ ଅଂଶଗ୍ରହଣ କରିଥିଲେ। ଏହି ପ୍ରଶିକ୍ଷାର୍ଥୀମାନଙ୍କୁ କିପରି ବିଭିନ୍ନ ଗାର୍ମେଣ୍ଟ କମ୍ପାନୀରେ ନିଯୁକ୍ତି ଦେଇ ସ୍ୱାବଲମ୍ବୀ କରାଯାଇପାରିବ ସେହି ଲକ୍ଷ୍ୟରେ ମେଳାର ଆୟୋଜନ କରାଯାଇଥିଲା। ଆଗକୁ ଏପରି ଅନେକ ନାମିଦାମୀ କମ୍ପାନୀଙ୍କ ମାଧ୍ୟମରେ ନିଯୁକ୍ତି ମେଳା କରାଯିବ ଲକ୍ଷ୍ୟ ରଖାଯାଇଛି। ସୂଚନାଯୋଗ୍ୟ, ଏସ୍.ପି. ଆପାରେଲ୍ସ ଲିମିଟେଡରେ ୧୦ ହଜାର କର୍ମଚାରୀ କାର୍ଯ୍ୟ କରୁଛନ୍ତି। ସେମାନଙ୍କ ମଧ୍ୟରେ ବିଭିନ୍ନ ରାଜ୍ୟରୁ ୭ ହଜାର ଏବଂ ଓଡ଼ିଶାରୁ ୨ ହଜାର ମହିଳା କର୍ମଚାରୀ ନିଯୁକ୍ତି ପାଇଛନ୍ତି। ଓଡ଼ିଶାରୁ ଅଧିକ ମହିଳାଙ୍କୁ ନିଯୁକ୍ତି ଦେବା ନେଇ କମ୍ପାନୀ ଲକ୍ଷ୍ୟ ରଖିଛି। ଜନଶିକ୍ଷଣ ସଂସ୍ଥାନର ସମସ୍ତ କର୍ମଚାରୀ ଏହି ମେଳା ପରିଚାଳନା କରିଥିଲେ।

## ନୂତନ ମୂଲ୍ୟାୟନ ପଦ୍ଧତି ପ୍ରଶିକ୍ଷଣ

**କାମାକ୍ଷାନଗର, ୩୦।୯(ଡି.ଏନ୍.ଏ.)**

କାମାକ୍ଷାନଗର ବ୍ଲକ କାନପୁରା ପଞ୍ଚାୟତିରାଜ ହାଇସ୍କୁଲ ପରିସରରେ ନବମ ଏବଂ ଦଶମ ଶ୍ରେଣୀର ନୂତନ ମୂଲ୍ୟାୟନ ପଦ୍ଧତି ସମ୍ପର୍କିତ ୨ଦିନିଆ ପ୍ରଶିକ୍ଷଣ ଶିବିର ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଜିଲା ଶିକ୍ଷାଧିକାରୀ ନିବେଦିତା ପାଣିଙ୍କ ନିର୍ଦ୍ଦେଶରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଭାରପ୍ରାପ୍ତ ବିଇଓ ଜଗବନ୍ଧୁ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିବିରରେ ବ୍ଲକର ୧୯ ହାଇସ୍କୁଲର ମୋଟ ୫୫ ଜଣ ଶିକ୍ଷକ ଏଥିରେ ଅଂଶଗ୍ରହଣ କରିଛନ୍ତି। ଶିକ୍ଷକମାନଙ୍କୁ ବିଷୟଭିତ୍ତିକ ଦଳରେ ବିଭକ୍ତ କରି ଆଲୋଚନା ମାଧ୍ୟମରେ ଦ୍ୱନ୍ଦ୍ୱ ଦୂର କରାଯାଉଛି। ଉପେନ୍ଦ୍ର ପଣ୍ଡା, ଶ୍ରୀରାମ ରାଉତ, ସୁରେନ୍ଦ୍ର ବେହେରା, ଦୁର୍ଯ୍ୟୋଧନ ସାହୁ ପ୍ରମୁଖ ପ୍ରଶିକ୍ଷଣ ଦେଉଛନ୍ତି। ଶିକ୍ଷାବିତ୍ ବଟକୃଷ୍ଣ ଦାସ, ଲୋକନାଥ ଷଡଙ୍ଗୀ, କୈଳାସ ଚନ୍ଦ୍ର ପୃଷ୍ଟି ଉପସ୍ଥିତ ରହି ଶିକ୍ଷକଙ୍କ ମାର୍ଗଦର୍ଶନ କରାଇଥିଲେ।

## ସାରା ମାସ ସ୍ୱଚ୍ଛତା କାର୍ଯ୍ୟକ୍ରମ





ପ୍ରଶାସନିକ ଅଧିକାରୀମାନେ ପୁସ୍ତିକା ଉନ୍ମୋଚନ କରୁଛନ୍ତି।

**ଢେଙ୍କାନାଳ ଅଫିସ, ୩୦।୯**

ଢେଙ୍କାନାଳ ନେହେରୁ ଯୁବକେନ୍ଦ୍ର ପକ୍ଷରୁ ଜିଲାସ୍ତରୀୟ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ ଆୟୋଜିତ ହେବ। ଅକ୍ଟୋବର ମାସ ତମାମ ସାରା ଜିଲାରେ ସଫେଇ କାର୍ଯ୍ୟକ୍ରମ ଜାରି ରହିବ। ଏ ନେଇ ଗୁରୁବାର ଅପରାହ୍ଣରେ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳଙ୍କ ନିର୍ଦ୍ଦେଶରେ ନୋଡାଲ ଅଧିକାରୀ ଭାବେ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ରବିନାରାୟଣ ତ୍ରିପାଠୀ ଅଧ୍ୟକ୍ଷତା କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ପୌର ନିର୍ବାହୀ ଅଧିକାରୀ ଅତନୁ କୁମାର ସାମନ୍ତ ଯୋଗଦେଇ ବର୍ଜ୍ୟ ପରିଚାଳନା ଉପରେ ଆଲୋକପାତ କରିଥିଲେ। ଏନ୍‌ଏସ୍‌ଏସ୍ ପ୍ରୋଗ୍ରାମ ଅଧିକାରୀ ଡ. ଦେବରାଜ ପରିଡ଼ା, ଜିଲା ସଂସ୍କୃତି ଅଧିକାରୀ ଶୁକ୍ରୁ ସ୍ୱାଇଁ, ସେଚ୍ଛାସେବୀ ଅନୁଷ୍ଠାନ 'ଶୋଭା'ର ନିର୍ଦ୍ଦେଶକ ଉଦୟେନ୍ଦୁ ମିଶ୍ର, ଜିଲା ପରିମଳ ପରାମର୍ଶଦାତା ସରିତାଞ୍ଜଳି ପତି, ସ୍ମୃତିକାନ୍ତ ତ୍ରିପାଠୀ, ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧିକାରୀ ରମେଶ ଚନ୍ଦ୍ର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଅକ୍ଟୋବର ୧ରୁ ୩୧ ତାରିଖ ଯାଏ ଜିଲାର ସମସ୍ତ ବ୍ଲକ, ଏନ୍‌ଏସିରେ ଏହି କାର୍ଯ୍ୟକ୍ରମ ଚାଲିବ ବୋଲି ନିଷ୍ପତ୍ତି ହୋଇଛି। ନେହେରୁ ଯୁବକେନ୍ଦ୍ର ଅଧିକାରୀ ଶଶାଙ୍କ ଶେଖର ମହାପାତ୍ର ଏବଂ ଅଶୋକ କୁମାର ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଅଙ୍ଗନୱାଡି କର୍ମୀ ଚୟନ ବିଜ୍ଞାପନ ବାତିଲ ଦାବି

**କାମାକ୍ଷାନଗର, ୩୦।୯(ଡି.ଏନ୍.ଏ.)**

ଢେଙ୍କାନାଳ ଜିଲା କଙ୍କଡ଼ାହାଡ଼ ବ୍ଲକ ଘାଗରମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଅସନବାହାଲି ଗ୍ରାମ ମଲାରସରୁଆ ସାହି କେନ୍ଦ୍ର ପାଇଁ ପ୍ରକାଶିତ ଅଙ୍ଗନୱାଡି କର୍ମୀ ନିଯୁକ୍ତି ବିଜ୍ଞାପନକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି। ଫଳରେ ଉକ୍ତ ଚୟନ ପ୍ରକ୍ରିୟା ବାତିଲ କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ନେଇ ସେମାନେ ଗୁରୁବାର କାମାକ୍ଷାନଗର ଉପଜିଲାପାଳ ଜ୍ୟୋତିଶଙ୍କର ସାହୁଙ୍କ ଦ୍ୱାରସ୍ଥ ହୋଇ ଦାବିପତ୍ର ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ଉକ୍ତ ଅଙ୍ଗନୱାଡି କେନ୍ଦ୍ରର କର୍ମୀ ନିଯୁକ୍ତି ପାଇଁ କଙ୍କଡାହାଡ଼ ସିଡିପିଓଙ୍କ ପକ୍ଷରୁ ବିଜ୍ଞାପନ ପ୍ରକାଶିତ ହୋଇଥିଲା। ଆଶାୟୀମାନେ ଅନ୍‌ଲାଇନ୍‌ରେ ଆବେଦନ କରିବାକୁ ଏଥିରେ ନିର୍ଦ୍ଦେଶ ଥିଲା। ତେବେ ପ୍ରକାଶିତ ବିଜ୍ଞାପନରେ ପଞ୍ଚାୟତର ନାମ ଘାଘରାମୁଣ୍ଡା ପରିବର୍ତ୍ତେ ବିରିବୋଲେଇ ଦର୍ଶାଯାଇଥିଲା। ପଞ୍ଚାୟତର ନାମକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଥିଲା ଏବଂ ଅନେକ ଆଶାୟୀ ଆବେଦନ କରି ନ ଥିଲେ। ତ୍ରୁଟିପୂର୍ଣ୍ଣ ନୋଟିଫିକେଶନ ଯୋଗୁ ଏଭଳି ସମସ୍ୟା ଉପୁଜିଛି। ତେଣୁ ପୁନର୍ବାର ବିଜ୍ଞାପନ ବାହାର କରିବାକୁ ଆରତୀ ତିରିଆ, ସାଲୁକା ବବଙ୍ଗା, ସୂର୍ଯ୍ୟ ବବଙ୍ଗା, ଶୁଭ ବବଙ୍ଗା, ଜଏନ ବବଙ୍ଗା, ପାର୍ବତୀ କୁଙ୍କାଲ ପ୍ରମୁଖ ବହୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସଂକ୍ରାନ୍ତରେ ଉପଜିଲାପାଳ କୁହନ୍ତି, ଅଭିଯୋଗର ପ୍ରଶାସନିକ ତଦନ୍ତ କରାଯିବ। କେଉଁ କାରଣରୁ ଏବଂ କିଭଳି ଏହି ତ୍ରୁଟି ହେଲା ତାହାର ଅନୁଧ୍ୟାନ କରି ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।



ଗ୍ରାମବାସୀଙ୍କ ତରଫରୁ ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

# ବନ୍ଦ ହେବ ଖଡଗପ୍ରସାଦ କୋଭିଡ୍ ହସ୍ପିଟାଲ

**ଢେଙ୍କାନାଳ ଅଫିସ, ୩୦।୯**

- ଆଞ୍ଚଳିକ ଉଚ୍ଚ ମାଧମିକ ବିଦ୍ୟାଳୟରେ ଚାଲିଥିଲା
- ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ନିଆଗଲା ନିଷ୍ପତ୍ତି
- ନବଭାରତ ଭେଞ୍ଚର୍ସ ଦକ୍ଷତା ବିକାଶ କେନ୍ଦ୍ରରେ ହେବ

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖଡଗପ୍ରସାଦସ୍ଥିତ ଆଞ୍ଚଳିକ ଉଚ୍ଚ ମାଧମିକ ବିଦ୍ୟାଳୟ ପରିସରରେ ଚାଲିଥିବା କୋଭିଡ୍ ହସ୍ପିଟାଲ ବନ୍ଦ ହେବ। ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ସ୍କୁଲ ପରିସରରେ ଅନୁଷ୍ଠିତ ବୈଠକରେ ଏହି ନିଷ୍ପତ୍ତି ଗ୍ରହଣ କରାଯାଇଛି। ଅକ୍ଟୋବରରେ କରୋନା ତୃତୀୟ ଲହର ଆସିବାର ଆଶଙ୍କା ସତ୍ତ୍ୱେ ବିଦ୍ୟାଳୟରେ ଶିକ୍ଷାଦାନ ଆରମ୍ଭ ହୋଇଛି। ତେବେ ଗୋଟିଏ ଅନୁଷ୍ଠାନରେ ଶିକ୍ଷାଦାନ ଏବଂ କୋଭିଡ୍ ଚିକିତ୍ସାଳୟ ସମାନ୍ତରାଳ ଭାବେ ଚାଲୁ ରଖିବା ସମ୍ଭବପର ନୁହେଁ। ଛାତ୍ରୀଛାତ୍ରଙ୍କ ସୁରକ୍ଷା ଦୃଷ୍ଟିରୁ ଏଭଳି ପଦକ୍ଷେପ ନିଆଯାଇଛି। ସଦର ବିଧାୟକଙ୍କ ପ୍ରତିନିଧି ତଥା ସ୍କୁଲ ପରିଚାଳନା କମିଟି ସଭ୍ୟ ଗଙ୍ଗାଧର ସାମଲ ବୈଠକରେ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଦୃଷ୍ଟିରୁ ଶିକ୍ଷାନୁଷ୍ଠାନ ପରିସରରେ କୋଭିଡ୍ ହସ୍ପିଟାଲ ଚଳାଇବା ସମ୍ଭବପର ନୁହେଁ ବୋଲି କହିଥିଲେ। ଅନ୍ୟପଟେ ବିକଳ୍ପ ସ୍ଥାନରେ କୋଭିଡ୍ ହସ୍ପିଟାଲ ଖୋଲିବାକୁ ଜିଲାପାଳ ଟାଟା ବିଏସ୍ଏଲକୁ ନିର୍ଦ୍ଦେଶ ଦେଇଛନ୍ତି। ନବଭାରତ ଭେଞ୍ଚର୍ସ ଲିମିଟେଡ୍ ପରିସରରେ ଥିବା ଦକ୍ଷତା ବିକାଶ କେନ୍ଦ୍ରଠାରେ କୋଭିଡ୍ ହସ୍ପିଟାଲ କରିବା ପାଇଁ ଆଲୋଚନା ହୋଇଛି। ଓଡ଼ାପଡ଼ା ବିଡିଓ, ଟାଟାଷ୍ଟିଲ୍ କମ୍ପାନୀ ପ୍ରତିନିଧି ନବଭାରତ ଭେଞ୍ଚର୍ସ ଲିମିଟେଡ୍ କର୍ତ୍ତୃପକ୍ଷଙ୍କ ସହିତ କଥାବାର୍ତ୍ତା ହୋଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। କଲେଜ ପରିସରରେ କୋଭିଡ୍ ହସ୍ପିଟାଲ ଚାଲୁଥିବାରୁ ଛାତ୍ରୀଛାତ୍ରମାନେ ନାମ ଲେଖାଇବାକୁ ଅନିଚ୍ଛା ପ୍ରକାଶ କରୁଛନ୍ତି। ଏଯାଏ ମାତ୍ର ୧୨ଜଣ ପିଲା ନାମ ଲେଖାଇଛନ୍ତି। ଏ ସଂକ୍ରାନ୍ତରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରମୁଖ ସଚିବଙ୍କୁ ଜିଲାପାଳଙ୍କ ଦ୍ୱାରା ସ୍ୱତନ୍ତ୍ର ଭାବେ ସ୍ପଟ୍ ଆଡ୍‌ମିଶନ ପାଇଁ ନିବେଦନ କରିବାକୁ ନିଷ୍ପତ୍ତି ହୋଇଛି। ବୈଠକରେ ବିଡିଓ ଦାଶରଥି ଜେନା, ଗ୍ରାମ ପ୍ରତିନିଧି ବିଜୟ ଧଳ, ନିବାରଣ ରାଉତ, ସରପଞ୍ଚ ନରୋତ୍ତମ ରାଉତ, କଲେଜ ଅଧ୍ୟକ୍ଷ ସୁଦର୍ଶନ ପଣ୍ଡା, ଅଧ୍ୟାପକ ଅରୁଣ ରାଉତ, ଅଭୟ ନାଥ, କୋଭିଡ୍ ହସ୍ପିଟାଲ ପରାମର୍ଶଦାତା ସତ୍ୟବ୍ରତ ଦାସ, ସାମଲ କେୟାର ନିର୍ଦ୍ଦେଶକ ଡ. କୁମାର ଗୌରବ ସାମଲ, ଟାଟା ବିଏସ୍ଏଲ ସିଏସ୍ଆର ଅଧିକାରୀ ଡି. ରାୟ ଏବଂ ନୋଡାଲ ଅଫିସର ଡା. ଅଭିନାଶ ଯୋଗଦେଇଥିଲେ।



ଜିଲାପାଳ ସରୋଜ କୁମାର ସେଠୀ ଖଡଗପ୍ରସାଦଠାରେ କୋଭିଡ୍ ହସ୍ପିଟାଲ ପରିଦର୍ଶନ କରୁଛନ୍ତି।

